# Prime Minister Shri Narendra Modi delivers Keynote Address at The Sydney Dialogue

November 18, 2021

## ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସିଡନୀ ଆଲୋଚନାରେ ମୁଖ୍ୟ ଅଭିଭାଷଣ ପ୍ରଦାନ କରିଛନ୍ତି

ନଭେମ୍ବର 18, 2021

**ପ୍ରଧାନମନ୍ତ୍ରୀ ସିଡନୀ ଆଲୋଚନାରେ ମୁଖ୍ୟ ଅଭିଭାଷଣ ପ୍ରଦାନ କରିଛନ୍ତି, ଭାରତର ପ୍ରଯୁକ୍ତିବିଦ୍ୟା ବିକାଶ ଓ ବିପ୍ଳବ ବିଷୟରେ କହିଛନ୍ତି**
**ଭାରତରେ ଘଟୁଥିବା ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ସେ ଉଲ୍ଲେଖ କରିଛନ୍ତି**

**"ଗଣତନ୍ତ୍ରର ସବୁଠାରୁ ବଡ ଶକ୍ତି ହେଉଛି ଖୋଲାପଣ। ମାତ୍ର ଆମେ ଏହି ଖୋଲାପଣର ଅପବ୍ୟବହାର କରିବାକୁ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀକୁ ଅନୁମତି ଦେବା ଉଚିତ୍ ନୁହେଁ"**
**"ଭାରତର ଡିଜିଟାଲ ବିପ୍ଳବ ଆମର ଗଣତନ୍ତ୍ର, ଆମର ଜନସମୂହ ଏବଂ ଆମ ଅର୍ଥନୀତିର ମାପକାଠିରେ ରହିଛି"**

**"ଆମେ ଲୋକଙ୍କ ସଶକ୍ତିକରଣର ଉତ୍ସ ଭାବରେ ତଥ୍ୟକୁ ବ୍ୟବହାର କରୁ। ବ୍ୟକ୍ତିଗତ ଅଧିକାରର ଦୃଢ ଗ୍ୟାରେଣ୍ଟି ସହିତ ଏକ ଗଣତାନ୍ତ୍ରିକ ଢାଞ୍ଚାରେ ଏହା କରିବାରେ ଭାରତର ଅତୁଳନୀୟ ଅଭିଜ୍ଞତା ରହିଛି"**

**"ଭାରତର ଗଣତାନ୍ତ୍ରିକ ପରମ୍ପରା ପୁରୁଣା; ଏହାର ଆଧୁନିକ ଅନୁଷ୍ଠାନଗୁଡ଼ିକ ଶକ୍ତିଶାଳୀ। ଆମେ ସର୍ବଦା ଦୁନିଆକୁ ଗୋଟିଏ ପରିବାର ଭାବରେ ବିଶ୍ୱାସ କରି ଆସିଛୁ"**

**ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକୁ ମିଳିତ ଭାବରେ କାର୍ଯ୍ୟ କରିବା ପାଇଁ ଏକ ରୋଡମ୍ୟାପ ପ୍ରଦାନ କରିଛନ୍ତି ଯାହା ରାଷ୍ଟ୍ରୀୟ ଅଧିକାରକୁ ସ୍ୱୀକୃତି ଦେଇଥାଏ ଏବଂ ବାଣିଜ୍ୟ, ପୁଞ୍ଜି ବିନିଯୋଗ ଏବଂ ବିଶାଳ ଜନସମୂହର ମଙ୍ଗଳ ପାଇଁ ପ୍ରୋତ୍ସାହିତ କରେ**

**"ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ର କ୍ରିପ୍ଟୋ-କରେନ୍ସି ଉପରେ ମିଳିତ ଭାବରେ କାର୍ଯ୍ୟ କରିବା ଜରୁରୀ ଅଟେ ଏବଂ ଏହା ସୁନିଶ୍ଚିତ କରିବା ଆବଶ୍ୟକ ଯେ ଏହା ଭୁଲ୍ ହାତକୁ ନଯାଉ ଯାହା ଆମ ଯୁବକମାନଙ୍କୁ ବରବାଦ କରିପାରେ"**

ଆଜି ଭିଡିଓ କନଫରେନ୍ସିଂ ଜରିଆରେ ସିଡନୀ ଆଲୋଚନାର ଉଦଘାଟନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଛନ୍ତି। ଭାରତର ପ୍ରଯୁକ୍ତିବିଦ୍ୟା ବିକାଶ ଓ ବିପ୍ଳବ ବିଷୟବସ୍ତୁ ଉପରେ ଶ୍ରୀ ମୋଦୀ କହିଥିଲେ। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଶ୍ରୀ ସ୍କଟ ମୋରିସନ ପ୍ରାରମ୍ଭିକ ମନ୍ତବ୍ୟ ପ୍ରଦାନ କରିଥିଲେ।

ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ତଥା ଉଦୀୟମାନ ଡିଜିଟାଲ ଦୁନିଆରେ ଭାରତର କେନ୍ଦ୍ରୀୟ ଭୂମିକାକୁ ସ୍ୱୀକୃତି ମିଳିଥିବାର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ।  ଡିଜିଟାଲ ଯୁଗର ଉପକାରିତା ବିଷୟରେ ପ୍ରଧାନମନ୍ତ୍ରୀ ଏହା ମଧ୍ୟ କହିଥିଲେ ଯେ ସମୁଦ୍ର ତଳରୁ ସାଇବର ତଥା ମହାକାଶ ପର୍ଯ୍ୟନ୍ତ ବିଭିନ୍ନ ଆଶଙ୍କା ମଧ୍ୟରେ ବିଶ୍ୱ ନୂତନ ବିପଦ ଓ ବିବାଦର ସମ୍ମୁଖୀନ ହେଉଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ "ଗଣତନ୍ତ୍ରର ସବୁଠାରୁ ବଡ ଶକ୍ତି ହେଉଛି ଖୋଲାପଣ। ମାତ୍ର ଆମେ ଏହି ଖୋଲାପଣର ଅପବ୍ୟବହାର କରିବାକୁ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀକୁ ଅନୁମତି ଦେବା ଉଚିତ୍ ନୁହେଁ।"

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏକ ଗଣତନ୍ତ୍ର ତଥା ଡିଜିଟାଲ ଅଗ୍ରଣୀ ଦେଶ ଭାବରେ ଭାରତ ସହଭାଗୀ ସମୃଦ୍ଧତା ଓ ସୁରକ୍ଷା ପାଇଁ ସହଭାଗୀମାନଙ୍କ ସହ କାମ କରିବାକୁ ପ୍ରସ୍ତୁତ ଅଛି। "ଭାରତର ଡିଜିଟାଲ ବିପ୍ଳବ ଆମର ଗଣତନ୍ତ୍ର, ଆମର ଜନସମୂହ ଏବଂ ଆମ ଅର୍ଥନୀତିର ମାପକାଠିରେ ରହିଛି। ଏହା ଆମର ଯୁବକମାନଙ୍କର ଉଦ୍ୟମ ଓ ନବସୃଜନ ଦ୍ୱାରା ପରିଚାଳିତ। ଆମେ ଅତୀତର ସମସ୍ୟାକୁ ଭବିଷ୍ୟତକୁ ଯିବା ପାଇଁ ସୁଯୋଗରେ ପରିଣତ କରୁଛୁ।"

ଭାରତରେ ଘଟୁଥିବା ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ।  ପ୍ରଥମଟି ହେଉଛି ଭାରତରେ ନିର୍ମାଣ କରାଯାଉଥିବା ବିଶ୍ୱର ସବୁଠାରୁ ବ୍ୟାପକ ସର୍ବସାଧାରଣ ସୂଚନା ଭିତ୍ତିଭୂମି। 1.3 ବିଲିୟନରୁ ଅଧିକ ଭାରତୀୟଙ୍କର ଏକ ସ୍ୱତନ୍ତ୍ର ଡିଜିଟାଲ ପରିଚୟ ରହିଛି ଏବଂ ଛଅ ଲକ୍ଷ ଗ୍ରାମ ଶୀଘ୍ର ବ୍ରଡବ୍ୟାଣ୍ଡ ଓ ବିଶ୍ୱର ସବୁଠାରୁ ପ୍ରଭାବୀ ପେମେଣ୍ଟ ଭିତ୍ତିଭୂମି ୟୁପିଆଇ ସହିତ ସଂଯୁକ୍ତ ହେବ। ଦ୍ୱିତୀୟଟି ହେଉଛି ଶାସନ, ଅନ୍ତର୍ଭୁକ୍ତିକରଣ, ସଶକ୍ତିକରଣ, ସଂଯୋଗୀକରଣ, ସୁବିଧା ଓ କଲ୍ୟାଣକାରୀ ସେବା ପ୍ରଦାନ ପାଇଁ ଡିଜିଟାଲ ପ୍ରଯୁକ୍ତିବିଦ୍ୟାର ବ୍ୟବହାର। ତୃତୀୟରେ ଭାରତରେ ବିଶ୍ୱର ତୃତୀୟ ବୃହତ୍ତମ ଓ ଦ୍ରୁତ ଗତିରେ ବଢୁଥିବା ଷ୍ଟାର୍ଟଅପ ଇକୋସିଷ୍ଟମ୍ ଅଛି। ଚତୁର୍ଥରେ ଭାରତର ଶିଳ୍ପ ଓ ସେବା କ୍ଷେତ୍ର ଏପରିକି କୃଷି କ୍ଷେତ୍ରରେ ମଧ୍ୟ ବ୍ୟାପକ ଡିଜିଟାଲ ପରିବର୍ତ୍ତନ ଆସୁଛି। ପାଞ୍ଚରେ ଭବିଷ୍ୟତ ପାଇଁ ଭାରତକୁ ପ୍ରସ୍ତୁତ କରିବା ନିମନ୍ତେ ଏକ ବଡ଼

ପ୍ରୟାସ କରାଯାଉଅଛି। ସେ ଆହୁରି ମଧ୍ୟ କହିଥିଲେ ଯେ "ଆମେ 5ଜି ଓ 6ଜି ପରି ଟେଲିକମ ପ୍ରଯୁକ୍ତିବିଦ୍ୟାରେ ସ୍ୱଦେଶୀ ଦକ୍ଷତା ବିକାଶ କରିବାରେ ପୁଞ୍ଜି ବିନିଯୋଗ କରୁଛୁ। କୃତ୍ରିମ ବୁଦ୍ଧିମତ୍ତା ଓ ମେସିନ ଶିକ୍ଷା କ୍ଷେତ୍ରରେ ବିଶେଷ କରି କୃତ୍ରିମ ବୁଦ୍ଧିମତାର ମାନବ-କେନ୍ଦ୍ରିକ ତଥା ନୈତିକ ବ୍ୟବହାରରେ ଭାରତ ଏକ ଅଗ୍ରଣୀ ଦେଶ ଅଟେ। କ୍ଲାଉଡ ପ୍ଲାଟଫର୍ମ ଓ କ୍ଲାଉଡ କମ୍ପ୍ୟୁଟିଂରେ ଆମେ ଦୃଢ ସାମର୍ଥ୍ୟ ବିକାଶ କରୁଛୁ।"

ଭାରତର ଡିଜିଟାଲ ସ୍ଥିରତା ଓ ସାର୍ବଭୌମତ୍ୱ ବିଷୟରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ "ଆମେ ହାର୍ଡୱେୟାର ଉପରେ ଧ୍ୟାନ ଦେଉଛୁ। ସେମିକଣ୍ଡକ୍ଟର ଉତ୍ପାଦନରେ ଏକ ପ୍ରମୁଖ ଉତ୍ପାଦକ ହେବା ନିମନ୍ତେ ଆମେ ପ୍ରୋତ୍ସାହନ ପ୍ୟାକେଜ ପ୍ରସ୍ତୁତ କରୁଛୁ। ଇଲେକ୍ଟ୍ରୋନିକ୍ସ ଓ ଟେଲିକମ କ୍ଷେତ୍ରରେ ଆମର ଉତ୍ପାଦନ ସମ୍ବନ୍ଧିତ ପ୍ରୋତ୍ସାହନ ଯୋଜନାଗୁଡିକ ଭାରତରେ ଆଧାର ସ୍ଥାପନ ପାଇଁ ସ୍ଥାନୀୟ ତଥା ବିଶ୍ୱସ୍ତରୀୟ ଖେଳାଳୀଙ୍କୁ ଆକର୍ଷିତ କରିଛି।" ତଥ୍ୟ ସୁରକ୍ଷା, ଗୋପନୀୟତା ଏବଂ ନିରାପତ୍ତା ପାଇଁ ସେ ଭାରତର ପ୍ରତିବଦ୍ଧତାକୁ ମଧ୍ୟ ଦୋହରାଇଥିଲେ।  "ଆମେ ଲୋକଙ୍କ ସଶକ୍ତିକରଣର ଉତ୍ସ ଭାବରେ ତଥ୍ୟ ବ୍ୟବହାର କରୁଛୁ। ବ୍ୟକ୍ତିଗତ ଅଧିକାରର ଦୃଢ ଗ୍ୟାରେଣ୍ଟି ସହିତ ଗଣତାନ୍ତ୍ରିକ ଢାଞ୍ଚାରେ ଏହା କରିବାରେ ଭାରତର ଅତୁଳନୀୟ ଅଭିଜ୍ଞତା ରହିଛି" ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ୱାଇ2କେ ସମସ୍ୟାର ମୁକାବିଲା କରିବାରେ ଭାରତର ଅବଦାନ ଏବଂ ଓପନ୍ ସୋର୍ସ ସଫ୍ଟୱେୟାର ଭାବରେ ବିଶ୍ୱକୁ କୋୱିନ୍ ପ୍ଲାଟଫର୍ମ ପ୍ରଦାନ କରିବା ଭାରତର ମୂଲ୍ୟବୋଧ ଓ ଦୂରଦୃଷ୍ଟିର ଉଦାହରଣ ଅଟେ। "ଭାରତର ଗଣତାନ୍ତ୍ରିକ ପରମ୍ପରା ପୁରୁଣା; ଏହାର ଆଧୁନିକ ଅନୁଷ୍ଠାନଗୁଡ଼ିକ ଶକ୍ତିଶାଳୀ। ଆମେ ସର୍ବଦା ଦୁନିଆକୁ ଗୋଟିଏ ପରିବାର ଭାବରେ ବିଶ୍ୱାସ କରି ଆସିଛୁ" ବୋଲି ସେ କହିଥିଲେ।

ଶ୍ରୀ ମୋଦୀ କହିଥିଲେ ଯେ ଜନସାଧାରଣଙ୍କ ମଙ୍ଗଳ, ଅନ୍ତର୍ଭୁକ୍ତ ବିକାଶ ଏବଂ ସାମାଜିକ ସଶକ୍ତିକରଣ ପାଇଁ ପ୍ରଯୁକ୍ତିବିଦ୍ୟା ଓ ନୀତିର ଉପଯୋଗ ବିଷୟରେ ଭାରତର ବ୍ୟାପକ ଅଭିଜ୍ଞତା ବିକାଶଶୀଳ ଦେଶମାନଙ୍କ ପାଇଁ ସହାୟକ ହୋଇପାରେ। "ଦେଶମାନଙ୍କୁ ଓ ସେମାନଙ୍କର ଲୋକମାନଙ୍କୁ ସଶକ୍ତ କରିବା ପାଇଁ ଆମେ ମିଳିତ ଭାବେ କାର୍ଯ୍ୟ କରିପାରିବା ଏବଂ ସେମାନଙ୍କୁ ଏହି ଶତାବ୍ଦୀର ସୁଯୋଗ ପାଇଁ ପ୍ରସ୍ତୁତ କରିପାରିବା" ବୋଲି ସେ କହିଥିଲେ।

ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକ ମିଳିତ ଭାବରେ କାର୍ଯ୍ୟ କରିବା ପାଇଁ ଏକ ରୋଡମ୍ୟାପ ପ୍ରଦାନ କରି ଶ୍ରୀ ମୋଦୀ ଏକ ସହଯୋଗୀ ଢାଞ୍ଚା ପାଇଁ ଆହ୍ୱାନ କରିଥିଲେ ଯାହା "ଭବିଷ୍ୟତର ପ୍ରଯୁକ୍ତିବିଦ୍ୟାରେ ଅନୁସନ୍ଧାନ ଓ ବିକାଶରେ ଏକତ୍ର ପୁଞ୍ଜି ବିନିଯୋଗ କରିବା; ବିଶ୍ୱସ୍ତ ଉତ୍ପାଦନ ଆଧାର ଓ ବିଶ୍ୱସ୍ତ ଯୋଗାଣ ଶୃଙ୍ଖଳା ବିକାଶ କରିବା; ସାଇବର ସୁରକ୍ଷା ଉପରେ ବୁଦ୍ଧିମତା ଓ କାର୍ଯ୍ୟକ୍ଷମ ସହଯୋଗକୁ ଗଭୀର କରିବା ତଥା ଗୁରୁତ୍ୱପୂର୍ଣ୍ଣ ସୂଚନା ଭିତ୍ତିଭୂମିର ସୁରକ୍ଷା କରିବା; ଜନସାଧାରଣଙ୍କ ମତାମତର ହେରଫେର ରୋକିବା; ଆମର ଗଣତାନ୍ତ୍ରିକ ମୂଲ୍ୟବୋଧ ଅନୁରୂପ ବୈଷୟିକ ଓ ପ୍ରଶାସନ ମାନକ ତଥା ମାନଦଣ୍ଡ ବିକାଶ କରିବା; ଏବଂ ତଥ୍ୟ ପରିଚାଳନା ପାଇଁ ଓ ସୀମାପାର ପ୍ରବାହ ପାଇଁ ମାନକ ତଥା ମାନଦଣ୍ଡ ସୃଷ୍ଟି କରିବା ପାଇଁ ସହାୟକ ହେବ ଯାହା ତଥ୍ୟକୁ ସୁରକ୍ଷିତ ଓ ନିରାପଦ କରେ।" ସେ କହିଥିଲେ ଯେ "ଉଦୀୟମାନ ଢାଞ୍ଚା ମଧ୍ୟ ରାଷ୍ଟ୍ରୀୟ ଅଧିକାରକୁ ସ୍ୱୀକୃତି ଦେବା ଉଚିତ୍ ଏବଂ ଏଥି ସହିତ ବାଣିଜ୍ୟ, ପୁଞ୍ଜି ବିନିଯୋଗ ଏବଂ ବିଶାଳ ଜନସମୂହର ମଙ୍ଗଳକୁ ପ୍ରୋତ୍ସାହିତ କରିବା ଉଚିତ୍।"

ଏହି ପରିପ୍ରେକ୍ଷୀରେ ସେ କ୍ରିପ୍ଟୋ-କରେନ୍ସିର ଉଦାହରଣ ଦେଇ କହିଥିଲେ ଯେ "ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଏହା ଉପରେ ଏକତ୍ର କାର୍ଯ୍ୟ କରିବା ଜରୁରୀ ଅଟେ ଏବଂ ଏହା ସୁନିଶ୍ଚିତ କରିବା ଆବଶ୍ୟକ ଯେ ଏହା ଭୁଲ୍ ହାତକୁ ନଯାଉ ଯାହା ଆମ ଯୁବକମାନଙ୍କୁ ବରବାଦ କରିପାରେ।"

**ନୂଆଦିଲ୍ଲୀ**
**ନଭେମ୍ବର 18, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.